# Virtual Summit between Prime Minister Shri Narendra Modi and President of Uzbekistan H.E. Mr. Shavkat Mirziyoyev

December 09, 2020

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ଉଜବେକିସ୍ତାନର ରାଷ୍ଟ୍ରପତି ମହାମହିମ ଶ୍ରୀ ଶବକତ୍ ମିର୍ଜିୟୋଏଭଙ୍କ ମଧ୍ୟରେ ଭର୍ଚୁଆଲ ସମ୍ମିଳନୀ

**ଡିସେମ୍ବର 09, 2020**

1. ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଉଜବେକିସ୍ତାନର ରାଷ୍ଟ୍ରପତି ମହାମହିମ ଶ୍ରୀ ଶବକତ୍ ମିର୍ଜିୟୋଏଭଙ୍କ ମଧ୍ୟରେ ଏକ ଭର୍ଚୁଆଲ ସମ୍ମିଳନୀ 11 ଡିସେମ୍ବର 2020 ରେ ଅନୁଷ୍ଠିତ ହେବ।

2. ଭାରତ ଏବଂ କେନ୍ଦ୍ର ଏସିଆର ଏକ ଦେଶ ମଧ୍ୟରେ ପ୍ରଥମ ଥର ପାଇଁ ଦ୍ୱିପାକ୍ଷିକ 'ଭର୍ଚୁଆଲ ସମ୍ମିଳନୀ' ଆୟୋଜିତ ହେଉଛି। କୋଭିଡ ପରବର୍ତ୍ତୀ ସମୟରେ ଭାରତ ଓ ଉଜବେକିସ୍ତାନ ମଧ୍ୟରେ ସହଯୋଗକୁ ସୁଦୃଢ କରିବା ତଥା ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ଦୁଇ ନେତା ବ୍ୟାପକ ଆଲୋଚନା କରିବେ। ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ସେମାନେ ମତ ବିନିମୟ କରିବେ।

3. ନିକଟ ଅତୀତରେ ଭାରତ ଓ ଉଜବେକିସ୍ତାନ ଉଚ୍ଚ ସ୍ତରୀୟ ଆଦାନ ପ୍ରଦାନ ଜାରି ରଖିଛନ୍ତି। 2015 ଓ 2016 ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଜବେକିସ୍ତାନ ଗସ୍ତ ଏବଂ 2018 ଓ 2019 ରେ ରାଷ୍ଟ୍ରପତି ମିର୍ଜିୟୋଏଭଙ୍କ ଭାରତ ଗସ୍ତ ରଣନୀତିକ ଭାଗିଦାରୀରେ ନୂତନ ଗତିଶୀଳତା ସୃଷ୍ଟି କରିଛି।

4. ଏହି ଭର୍ଚୁଆଲ ଶିଖର ସମ୍ମିଳନୀରେ ଦୁଇ ଦେଶର ସରକାରଙ୍କ ମଧ୍ୟରେ ଅନେକ ଚୁକ୍ତିନାମା/ବୁଝାମଣା ସ୍ୱାକ୍ଷରିତ ହେବ ବୋଲି ଆଶା କରାଯାଉଛି।

**ନୂଆଦିଲ୍ଲୀ**

**ଡିସେମ୍ବର 09, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.